# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 17 February – 2026

*******************************

## ମୁଖ୍ୟ ସମ୍ବାଦ

- କୃତ୍ରିମ ବୁଦ୍ଧିମତ୍ତାର ସଠିକ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ନେଇ ବିଶ୍ୱନେତାଙ୍କ ମଧ୍ୟରେ ସହମତି ସୃଷ୍ଟି ପାଇଁ ଭାରତ ପ୍ରୟାସ କରିବ; କହିଲେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ

- ସମାବେଶୀ ଭିତ୍ତିଭୂମି, ଶିକ୍ଷା ଓ ସ୍ୱାସ୍ଥ୍ୟ ମାଧ୍ୟମରେ ଲୋକଙ୍କ ଜୀବନଧାରଣ ମାନକୁ ସମୃଦ୍ଧ କରିବାକୁ ସରକାର ସଂକଳ୍ପବଦ୍ଧ

— ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଅଭିଭାଷଣରେ କହିଲେ ରାଜ୍ୟପାଳ

- ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ ପରୀକ୍ଷା ଆସନ୍ତାକାଲିଠାରୁ ହେବ ଆରମ୍ଭ

ଏବଂ

- ଗ୍ରାମୀଣ ଅର୍ଥନୀତିକୁ ସୁଭଦ୍ରା ଯୋଜନା ସମୃଦ୍ଧ କରୁଛି

— ଆସନ୍ତା ମାର୍ଚ୍ଚ ମାସ ୮ ତାରିଖରେ ଚତୁର୍ଥ କିସ୍ତି ପ୍ରଦାନ କରାଯିବ; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

# ବୈଷ୍ଣବ-ଏଆଇ ସମିଟ୍

ଆଗାମୀ ଦୁଇ ବର୍ଷ ମଧ୍ୟରେ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଭାରତ ୨୦୦ ବିଲିୟନ୍ ଡଲାର୍‌ରୁ ଅଧିକ ନିବେଶ ଆଶା ରଖିଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ୨୦୨୬ ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଶିଖର ସମ୍ମିଳନୀକୁ ବିଭିନ୍ନ କ୍ଷେତ୍ରରୁ ସକାରାତ୍ମକ ପ୍ରତିକ୍ରିୟା ମିଳୁଛି । ସମ୍ମିଳନୀ ଅବସରରେ କୃତ୍ରିମ ବୁଦ୍ଧିମତାର ସଠିକ୍ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ନେଇ ବିଶ୍ୱ ନେତାଙ୍କ ମଧ୍ୟରେ ଏକ ସହମତି ସୃଷ୍ଟି କରିବାକୁ ଭାରତ ପ୍ରୟାସ କରିବ ବୋଲି ସେ କହିଛନ୍ତି । ଏହାଦ୍ୱାରା କୃତ୍ରିମ ବୁଦ୍ଧିମତାକୁ ମାନବତାର ହିତ ପାଇଁ ବ୍ୟବହାର କରାଯାଇପାରିବ । ଏ.ଆଇ. ଇକୋସିଷ୍ଟମ୍‌ରେ ରହିଥିବା ବାଧାବିଘ୍ନକୁ ପ୍ରଯୁକ୍ତି ଆଇନ୍‌ଗତ ପଦ୍ଧତି ମାଧ୍ୟମରେ ସମାଧାନ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

**VO-3-ASHWINI-VAISHNAW**

ଶ୍ରୀ ବୈଷ୍ଣବ କହିଛନ୍ତି, ସମ୍ମିଳନୀ ଅବସରରେ ଏ.ଆଇ. ଆଧାରିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ବୈଠକମାନ ଅନୁଷ୍ଠିତ ହେବ । ବିଶ୍ୱ ସ୍ତରୀୟ ନେତା, ବିଶେଷଜ୍ଞ ଏବଂ ନୀତି ନିର୍ଦ୍ଧାରକ ଏ.ଆଇ.ର ସମୟୋଚିତ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଉପରେ ପରସ୍ପର ମଧ୍ୟରେ ମତ ବିନିମୟ କରିବେ । ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ବିଶ୍ୱସ୍ତରରେ ଏକ କେନ୍ଦ୍ର

ଭାବେ ଉଭା ହେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି । ଗତବର୍ଷ ଭାରତରେ ଅନୁଷ୍ଠିତ ସେମିକଣ୍ଡକ୍ଟର ମିଶନ୍ ଅତ୍ୟନ୍ତ ଉତ୍ସାହଜନକ ରହିଥିଲା ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ବଜେଟ୍ ଅଧିବେଶନ

ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ବଜେଟ୍ ଅଧିବେଶନର ପ୍ରଥମ ଦିନରେ ଗୃହକୁ ସମ୍ବୋଧିତ କରି କହିଛନ୍ତି, ସମୃଦ୍ଧ ଓଡ଼ିଶା ଦୃଷ୍ଟିକୋଣ ସାକାର କରିବାକୁ ସରକାର ନବସୃଜନ ଉପରେ ଗୁରୁତ୍ୱ ଦେଉଛନ୍ତି। ସମାବେଶୀ ଭିତ୍ତିଭୂମି ବିକାଶ ତ୍ୱରାନ୍ୱିତ, ନାଗରିକଙ୍କ ପାଇଁ ସୁଯୋଗ କୃଷି ଓ ଶିଳ୍ପକୁ ସଶକ୍ତ, ଶିକ୍ଷା ଓ ସ୍ୱାସ୍ଥ୍ୟ ମାଧ୍ୟମରେ ଜୀବନର ମାନକୁ ଉନ୍ନତ କରିବା, ସବୁଜ ବିକାଶକୁ ପ୍ରୋତ୍ସାହନ, ଲୋକଶକ୍ତିକୁ ସକ୍ରିୟ ଓ ନ୍ୟାୟସଂଗତ ସମୃଦ୍ଧି କରିବାକୁ ସରକାର ସଂକଳ୍ପବଦ୍ଧ ବୋଲି ରାଜ୍ୟପାଳ କହିଛନ୍ତି। ଐତିହ୍ୟର ସଂରକ୍ଷଣ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କୁ ସ୍ୱୀକୃତି ଦେବା ପାଇଁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ମାତୃଭୂମିର ବିଶିଷ୍ଟ ସନ୍ତାନମାନଙ୍କ ସହିତ ଜଡିତ ୨୫ ଐତିହ୍ୟ ଗ୍ରାମକୁ ସାଂସ୍କୃତିକ ଐତିହ୍ୟ ଗ୍ରାମ ଭାବେ ଚିହ୍ନଟ କରାଯାଇଛି। ଏହା ସହ ରାଜ୍ୟରେ ୧୧ କୋଟି ଟଙ୍କା ବ୍ୟୟରେ ୭୫ ଜଣ ବିଶିଷ୍ଟ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ସରକାର ଅନୁମୋଦନ କରିଛନ୍ତି। ରତ୍ନଗିର, ଲଳିତଗିରି, ଉଦୟଗିରି, ଗୋହିରା ଟିକିରି, ରଘୁରାଜପୁର ଏବଂ ରାଣୀପୁର ଝରିଆଲ ଭଳି

ପ୍ରମୁଖ ଐତିହ୍ୟସ୍ଥଳଗୁଡ଼ିକର ସ୍ଥାୟୀ ବିକାଶ ପାଇଁ ୟୁନେସ୍କୋ ସହ ଏକ ସହଭାଗିତା ପ୍ରସ୍ତାବ ଦିଆଯାଇଛି।

ବାଲିଯାତ୍ରାକୁ ସଂଗୀତ ନାଟକ ଏକାଡେମୀ ଦ୍ୱାରା ଆନୁଷ୍ଠାନିକ ଭାବେ ସାମିଲ କରାଯାଇଛି ଏବଂ ୟୁନେସ୍କୋର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟକୁ ପ୍ରସ୍ତାବ ଦିଆଯାଇଛି ବୋଲି ରାଜ୍ୟପାଳ କହିଛନ୍ତି। ଜୈବିକ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ସମସ୍ତ ୩୧୪ ବ୍ଲକ୍‌ରେ ମୃତ୍ତିକା ଜୈବିକ କାର୍ବନ ଉନ୍ନତ କରିବା, କନ୍ଧମାଳ, ମାଲକାନଗିରିରେ ଜୈବିକ କ୍ଲଷ୍ଟର ବିକାଶ ଏବଂ ୬ଟି ଜିଲ୍ଲାରେ ଉଦ୍ୟାନ କ୍ଲଷ୍ଟର ପାଇଁ ୧୫୫ କୋଟି ଟଙ୍କା ବ୍ୟୟ ସହ ବଳଭଦ୍ର ଜୈବିକ ଚାଷ ମିଶନ ସରକାର ଆରମ୍ଭ କରିଛନ୍ତି ବୋଲି ରାଜ୍ୟପାଳ କହିଛନ୍ତି। ରାଜ୍ୟପାଳ ରାଜ୍ୟର ବିକାଶରେ ଶିଳ୍ପ ଅଭିବୃଦ୍ଧି, ଲଘୁ ଖଣିଜ କ୍ଷେତ୍ରରେ ସଂସ୍କାର, ପୁଞ୍ଜି ବିନିଯୋଗ, ରୋଜଗାର ସୃଷ୍ଟି, ଶିକ୍ଷା, ଖାଦ୍ୟ ସୁରକ୍ଷା ଯୋଜନା, ଲକ୍ଷପତି ଦିଦି ଆଦି ସମ୍ପର୍କରେ ଗୃହକୁ ଅବଗତ କରାଇଛନ୍ତି।

ଗୃହକାର୍ଯ୍ୟ ପ୍ରାରମ୍ଭରେ ଦିବଂଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଧନ୍ୟବାଦ ପ୍ରସ୍ତାବ ଆଗତ କରି ଏହା ଉପରେ ଆଲୋଚନା କରିଥିଲେ। ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

## ପ୍ରଧାନ-ଏଆଇ ପ୍ରଭାବ ସମିଟ୍

କୃତ୍ରିମ ବୁଦ୍ଧିମତ୍ତା ଏବଂ ଶିକ୍ଷା ପରସ୍ପର ପରିପୂରକ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀରେ ଆରମ୍ଭ ହୋଇଥିବା ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ଶିଖର ସମ୍ମିଳନୀ ୨୦୨୬ର ଆଜି ଦ୍ୱିତୀୟ ଦିନରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ସ୍ୱତନ୍ତ୍ର ଅଧିବେଶନରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଭାରତ ଏବେ ବୁଦ୍ଧିମତ୍ତା ଆଧାରିତ ସମାଜ ଆଡକୁ ଅଗ୍ରସର ହେଉଛି। କୃତ୍ରିମ ବୁଦ୍ଧିମତ୍ତା ଭାରତକୁ ଜ୍ଞାନର ମହାଶକ୍ତି କରିବ ବୋଲି ଶ୍ରୀ ପ୍ରଧାନ ଆଶା ପ୍ରକଟ କରିଛନ୍ତି। ଭାରତ ଆଜି ବିଶ୍ୱର ଏକ ପ୍ରମୁଖ ବୈଷୟିକ ଶକ୍ତି ଭାବେ ଉଭା ହେଉଥିବାବେଳେ କୃତ୍ରିମ ବୁଦ୍ଧିମତ୍ତା ଏହି ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡ଼ିବାକୁ ଯାଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେ କହିଛନ୍ତି, ଭାରତ ଭଳି ବହୁପକ୍ଷୀୟ ଦେଶ ପାଇଁ ବ୍ୟବସ୍ଥାର ଜଟିଳତାକୁ ବୁଝିବା ଏବଂ ଏହାକୁ ଲୋକଙ୍କ ବ୍ୟବହାରରେ ପ୍ରୟୋଗ କରିବା କ୍ଷେତ୍ରରେ ଏଆଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଦେଶର ଯୁବପିଢ଼ିଙ୍କୁ ଏଆଇର ପ୍ରଯୁକ୍ତିବିଦ୍ୟାକୁ ଭଲ ଭାବେ ବୁଝିବା ଲାଗି ମନ୍ତ୍ରୀ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ଏହି ଅଧିବେଶନର ଉଦ୍ଦେଶ୍ୟ ହେଉଛି, ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ଏବଂ ଶିଳ୍ପ-ଶିକ୍ଷାବିତ୍-ସରକାରଙ୍କ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା।

## ସିଏଚ୍ଏସ୍ଇ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ-ସିଏଚ୍‌ଏସ୍‌ଇ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବାର୍ଷିକ ପରୀକ୍ଷା ଆସନ୍ତାକାଲିଠାରୁ ଆରମ୍ଭ ହେବ। ପରୀକ୍ଷା ପାଇଁ ମୋଟ ୨୧୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ଗୋଟିଏ ସବ୍ ଟ୍ରେଜେରୀକୁ ପରୀକ୍ଷା ପରିଚାଳନା ହବ୍ ଭାବେ ମନୋନିତ କରାଯାଇଛି। ଚଳିତଥର ୧ ହଜାର ୩୫୮ଟି ପରୀକ୍ଷା କେନ୍ଦ୍ର ଏବଂ ୭ଟି ସବ୍‌ସେଣ୍ଟରରେ ପରୀକ୍ଷା ପରିଚାଳନା କରାଯିବ ବୋଲି ଜଣାପଡିଛି। ଆସନ୍ତାମାସ ୨୮ ତାରିଖରେ ପରୀକ୍ଷା ଶେଷ ହେବ।

## ସୁଭଦ୍ରା କିସ୍ତି

ମହିଳାମାନଙ୍କ ବହୁବିଧ ବିକାଶ ଓ ଆର୍ଥିକ ସଶକ୍ତୀକରଣ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ଆସନ୍ତା ମାର୍ଚ୍ଚ ମାସ ୮ ତାରିଖରେ ପ୍ରଦାନ କରାଯିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୧ କୋଟିରୁ ଅଧିକ ମହିଳାଙ୍କୁ ଏହି କିସ୍ତି ପ୍ରଦାନ କରାଯିବ। ଗ୍ରାମୀଣ ଅର୍ଥନୀତିକୁ ସୁଭଦ୍ରା ଯୋଜନା ସମୃଦ୍ଧ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ କହିଛନ୍ତି। ସେ କହିଛନ୍ତି, ଏହି ପର୍ଯ୍ୟାୟରେ ୫ ହଜାର କୋଟିରୁ ଅଧିକ ଟଙ୍କା ଯୋଗ୍ୟ ମହିଳା ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ।

## ଶ୍ରମ ସଂହିତା

ନୂତନ ଶ୍ରମ ସଂହିତା ଶ୍ରମ ସଂସ୍କାର ଓ ପ୍ରଶାସନକୁ ସୁଦୃଢ଼ କରିବା ପାଇଁ ଏକ ଭବିଷ୍ୟତୋମୁଖୀ ଢ଼ାଞ୍ଚା ପ୍ରଦାନ କରୁଛି ବୋଲି ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି। ଭୁବନେଶ୍ୱରଠାରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଶ୍ରମ ଓ ନିଯୁକ୍ତି ଏବଂ ଶିଳ୍ପ ସଚିବଙ୍କର ଦୁଇଦିନିଆ ଆଂଚଳିକସ୍ତରୀୟ ସମ୍ମିଳନୀର ଉଦ୍‌ଘାଟନ କରି ଶ୍ରୀ ଖୁଣ୍ଟିଆ କହିଛନ୍ତି, ରାଜ୍ୟ ସରକାର ନିର୍ମାଣ, ଅଣସଂଗଠିତ ଏବଂ ପ୍ରବାସୀ ଶ୍ରମିକଙ୍କ ପାଇଁ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଉଛନ୍ତି। ସମସ୍ତ ଶ୍ରମିକଙ୍କ ପାଇଁ ସାମାଜିକ ନ୍ୟାୟ ସୁନିଶ୍ଚିତ କରିବାରେ ଲାଗୁ ହୋଇଥିବା ନୂତନ ଶ୍ରମ ସଂହିତା ଗୁରୁତ୍ୱ ବହନ କରୁଛି ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରମସଂହିତାର ଉଦ୍ଦେଶ୍ୟ ଏବଂ କାର୍ଯ୍ୟାନ୍ୱୟନ ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ମଧ୍ୟରେ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯିବ।

## ପ୍ରଦର୍ଶନୀ

**କଟକ** ଜିଲ୍ଲା ଖପୁରିଆସ୍ଥିତ ଓସିଆ ପଡିଆରେ ଦୁଇଦିନିଆ ଏମ୍‌ଏସ୍‌ଏମ୍‌ଇ ପ୍ରଦର୍ଶନୀ ଏବଂ ବ୍ୟବସାୟ ମେଳା ଉଦ୍‌ଘାଟିତ ହୋଇଯାଇଛି। ଆଂଚଳିକ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି ସହ ସେଗୁଡ଼ିକର ବିକ୍ରୟରେ ପିଏମ୍ ବିଶ୍ୱକର୍ମା ଯୋଜନା ବେଶ୍ ସହାୟକ ହୋଇଛି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମେଳାରେ ଜିଲ୍ଲା ତଥା ପଡୋଶୀ ଜିଲ୍ଲାରୁ ୧୦୦ରୁ ଅଧିକ ଷ୍ଟଲ୍‌ରେ ବିଭିନ୍ନ ଉତ୍ପାଦନର ପ୍ରଦର୍ଶନ ତଥା ବିକ୍ରୟ କରାଯାଉଛି।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ଶିଳ୍ପ ନିର୍ଦ୍ଦେଶକ ଅବୋଲି ସୁନୀଲ ନରୱ୍ୱଣେ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ଏବଂ କଟକ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ ପି.କେ.ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ରାସେଶ୍ୱରୀ ପାଣିଗ୍ରାହୀ

ପୂର୍ବତନ ବିଧାୟିକା ତଥା ବିଶିଷ୍ଟ ଚିକିତ୍ସକ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ଆଜି ସମ୍ବଲପୁରର ରାଜଘାଟଠାରେ ଶେଷକୃତ୍ୟ ସମ୍ପନ୍ନ ହେବ। ଶାରୀରିକ ଅସୁସ୍ଥତା କାରଣରୁ ଗତକାଲି ତାଙ୍କର ୭୯ ବର୍ଷ ବୟସରେ ପରଲୋକ ହୋଇଥିଲା। ୨୦୧୪ ମସିହାରେ ସେ ସମ୍ବଲପୁରର ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ଜନସେବା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୫ ମସିହାରେ ତାଙ୍କୁ ଶ୍ରେଷ୍ଠ ବିଧାୟକ ପୁରସ୍କାର ପ୍ରଦାନ କରାଯାଇଥିଲା। ଜଣେ ଦକ୍ଷ ଜନ ପ୍ରତିନିଧି ଓ ଡାକ୍ତର ଭାବେ ଦୀର୍ଘବର୍ଷ ଧରି ସେ ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। ଶିକ୍ଷା ଏବଂ ନାରୀ ସଶକ୍ତୀକରଣ କ୍ଷେତ୍ରରେ ତାଙ୍କର କାର୍ଯ୍ୟ ଚିରକାଳ ପାଇଁ ସ୍ମରଣିୟ ହୋଇ ରହିବ। ଓଡ଼ିଶାର ରାଜନୀତି ଏବଂ ସାମାଜିକ କ୍ଷେତ୍ରରେ ତାଙ୍କର ମୃତ୍ୟୁ ଏକ ଅପୂରଣୀୟ କ୍ଷତି ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

## କର୍ମଶାଳା

**ବୌଦ୍ଧ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପ୍ରଶାସନ ସୁପରିଚାଳନା ସଂକ୍ରାନ୍ତରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜିଲ୍ଲାପାଳ

ବିଭୂତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲାକୁ ଶୈକ୍ଷିକ ପରିଭ୍ରମଣରେ ଆସିଥିବା ରାଜ୍ୟ ସଚିବାଳୟର ସହକାରୀ ଉପବିଭାଗୀୟ ଅଧିକାରୀ ଏବଂ ସହକାରୀ ସଚିବ ଯୋଗ ଦେଇଥିଲେ ।

## ଦକ୍ଷତା ବିକାଶ ପ୍ରଶିକ୍ଷଣ

**ନୂଆପଡ଼ା** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସିନାପାଲ୍ଲୀ ଓ ବୋର୍ଡେନ ବ୍ଲକ୍ ଅନ୍ତର୍ଗତ ନବନିଯୁକ୍ତ ଅଧିକାର ମିତ୍ର ମାନଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଖଡିଆଳ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୫୦ ଜଣ ଅଧିକାର ମିତ୍ର ଯୋଗଦେଇ ବିଭିନ୍ନ ଆଇନ୍ ସଂକ୍ରାନ୍ତରେ ପ୍ରଶିକ୍ଷଣ ନେଇଛନ୍ତି ।

## ପ୍ରାଣୀସମ୍ପଦ ମେଳା

**ମାଲକାନଗିରି** ଜିଲ୍ଲା ସଦର ମହକୁମାସ୍ଥିତ ଆଦିବାସୀ ପଡିଆଠାରେ ଜିଲ୍ଲାସ୍ତରୀୟ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନାରେ ଲାଭ ନେଇ ଚାଷୀମାନଙ୍କୁ ସ୍ୱାବଲମ୍ବୀ ହେବା ସମ୍ପର୍କରେ ପରାମର୍ଶ ଦେଇଥିଲେ ।

## ଆଇନ୍ ସଚେତନତା

**ବୌଦ୍ଧ** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଚନ୍ଦ୍ରପୁର ଗ୍ରାମଠାରେ ପ୍ରବାସୀ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଏବଂ ସୁବିଧା ସଂକ୍ରାନ୍ତରେ ଏକ

ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଏବଂ ସରକାରଙ୍କ ଦ୍ୱାରା ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ଆଲୋଚନା କରିଥିଲେ।

## କମ୍ପ୍ୟୁଟର ପ୍ରଶିକ୍ଷଣ

**ଗଜପତି** ଜିଲ୍ଲା ଗୋଷାଣୀ ବ୍ଲକ୍ ଅନ୍ତର୍ଗତ ମୀନକେତନ ମହାବିଦ୍ୟାଳୟରେ ଏକ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରର ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ଗଜପତି ଉପଜିଲ୍ଲାପାଳ ଅନୁ ପଣ୍ଡା ଯୋଗଦେଇ ଏହି ସୁଯୋଗର ସଦୁପଯୋଗ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ।

## ସିବିଏସ୍ଇ

**ନୂଆପଡ଼ା** ଜିଲ୍ଲାର ଖଡିଆଳ ଏବଂ ନୂଆପଡାର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ କେନ୍ଦ୍ରୀୟ ମାଧ୍ୟମିକ ବୋର୍ଡ ପକ୍ଷରୁ ଆୟୋଜିତ ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ପରୀକ୍ଷାର୍ଥୀମାନେ ଅଂଶଗ୍ରହଣ କରିଛନ୍ତି। ପରୀକ୍ଷାରେ ଜିଲ୍ଲାର ଆଦର୍ଶ ବିଦ୍ୟାଳୟ, ଘରୋଇ ବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଥିବାବେଳେ ଆସନ୍ତା ମାସ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ସମୀକ୍ଷା ବୈଠକ

**ଦେବଗଡ଼** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ  ଜିଲ୍ଲାର ଉନ୍ନୟନ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରି ବିଭିନ୍ନ ସମସ୍ୟା ତଥା ଉନ୍ନୟନମୂଳକ କାର୍ଯ୍ୟ ସଂକ୍ରାନ୍ତରେ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି।

## ନିଯୁକ୍ତି ମେଳା

ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆସନ୍ତା ୧୯ ତାରିଖ ଗୁରୁବାର ଦିନ ଅଇଁଠାପାଲ୍ଲିସ୍ଥିତ ବିର୍ସା ମୁଣ୍ଡା ପିଏଚ୍‌ଡି ପଡିଆରେ ଅନୁଷ୍ଠିତ ହେବ। ନିଯୁକ୍ତିମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ଘରୋଇ ସଂସ୍ଥା ଯୋଗଦେବେ। ଜିଲ୍ଲାର ୧୮ ରୁ ୩୫ ବର୍ଷ ବୟସ ମଧ୍ୟରେ ଆଶାୟୀ ଯୁବକ-ଯୁବତୀ ନିଜର ଶିକ୍ଷାଗତ ଯୋଗ୍ୟତା ଏବଂ ବାସୀନ୍ଦା ପ୍ରମାଣପତ୍ର ସହିତ ମେଳାରେ ଯୋଗଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।